# ପାଠ-୧୬ ଟଙ୍କା ପଇସା ହିସାବ କରିବା

ଆମେ ତଳ ଶ୍ରେଣୀମାନଙ୍କରେ ବିଭିନ୍ନ ପ୍ରକାର ମୁଦ୍ରା ଓ ନୋଟ୍ ସହିତ ପରିଚିତ ହୋଇଛୁ। ନିତିଦିନିଆ ଜିନିଷ କିଣା ବିକାରେ ସେଗୁଡ଼ିକୁ ମଧ୍ୟ ବ୍ୟବହାର କରିଛୁ। ଆସ, ଆଉ କେତୋଟି ଅଧିକ ମୂଲ୍ୟର ମୁଦ୍ରା ଓ ନୋଟ୍ ଚିହ୍ନିବା। ସେଗୁଡ଼ିକୁ ଚିହ୍ନି ତଳେ ଥିବା କୋଠରିରେ ସେଗୁଡ଼ିକର ପରିମାଣ ଲେଖ।



ଏବେ, ମୁଦ୍ରା ଓ ନୋଟ୍‌ଗୁଡ଼ିକର ମୋଟ ମୂଲ୍ୟ ନିର୍ଣ୍ଣୟ କରିବା।

| ମୁଦ୍ରା / ନୋଟ୍ | ମୋଟ୍ ମୂଲ୍ୟ |
|---|---|
|  | ୧୪ ଟଙ୍କା |
|  | |
|  | |
|  | |
|  | |
|  | |
|  | |
|  | |
|  | |
|  | |

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

## ମନେରଖିଛ କି ?

- ୧ ଟଙ୍କା= ୧୦୦ ପଇସା
- ଉଭୟ ଟଙ୍କା ଓ ପଇସା ଥିବାର ପରିମାଣକୁ ଲେଖିଲା ବେଳେ ମଝିରେ ଏକ ବିନ୍ଦୁ (.) ଦେଇ ଲେଖାଯାଏ । ଯେପରି ୧ ୧ଟଙ୍କା ୨୫ ପଇସାକୁ ଆମେ ଟ ୧ ୧ . ୨ ୫ ପ ଲେଖୁ ।

☞ ଗୋଟିଏ ଅଫିସ୍‌ର କର୍ମଚାରୀମାନେ ଗୋଟିଏ ମାସର ଦରମା ପାଇଥିବା ଟଙ୍କାର ପରିମାଣକୁ ତଳ ସାରଣୀରେ ଦିଆଯାଇଛି । ପ୍ରତ୍ୟେକଙ୍କୁ ଦରମା ଦେବା ପାଇଁ କେଉଁ ନୋଟ୍ ଓ ମୁଦ୍ରାରୁ କେତୋଟି ଆବଶ୍ୟକ ପଡ଼ିଥିବ ଲେଖ ।

| କର୍ମଚାରୀଙ୍କ ନାମ | ଦରମାର ପରିମାଣ | କେଉଁ ନୋଟ ବା ମୁଦ୍ରାରୁ କେତୋଟି ଦରକାର |
|---|---|---|
| ନିହାର | ୯୬୫୦ | |
| ମିହିର | ୬୩୮୫ | |
| ତୁଷାର | ୫୨୮୩ | |
| ମେହେବୁବା | ୮୫୩୫ | |
| ସଲିମ୍ | ୭୩୦୦ | |
| ରାଜିନ୍ଦର ସିଂ | ୬୦୦୦ | |

ତୁମେ ଲେଖିଥିବା ଉତ୍ତର ଓ ତୁମ ସାଙ୍ଗର ଉତ୍ତର ସମାନ ହୋଇଛି କି ? ଉତ୍ତର ଅଲଗା ହେଲା କାହିଁକି ?

☞ ପ୍ରଥମେ ଥିବା ନୋଟ୍‌ର ମୂଲ୍ୟ ସହିତ ଦକ୍ଷିଣ ପାର୍ଶ୍ୱରେ ଯେଉଁ ନୋଟ୍‌ଗୁଡ଼ିକର ମୂଲ୍ୟ ସମାନ ତା' ସହିତ ଗାର ଟାଣି ଯୋଡ଼ ।



୧୦୦ଟ ୧୦୦ଟ ୧୦୦ଟ ୧୦୦ଟ ୧୦୦ଟ

୧୦୦ଟ ୧୦୦ଟ ୧୦୦ଟ ୧୦୦ଟ ୫୦ଟ

୧୦୦ଟ ୧୦୦ଟ ୧୦୦ଟ ୫୦ଟ ୫୦ଟ

୧୦୦ଟ ୧୦୦ଟ ୫୦ଟ ୫୦ଟ ୫୦ଟ ୫୦ଟ ୫୦ଟ ୫୦ଟ

୧୦୦ଟ ୫୦ଟ ୨୦ଟ ୧୦ଟ ୫ଟ ୨ଟ ୧ଟ

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

☞ ବାମ ପାର୍ଶ୍ୱରେ ଥିବା ନୋଟ୍‌ର ମୂଲ୍ୟ ସହ ଦକ୍ଷିଣ ପାର୍ଶ୍ୱରେ ଥିବା ଯେଉଁ ନୋଟ୍‌ଗୁଡ଼ିକର ମୂଲ୍ୟ ସମାନ ତା’ ସହିତ ଗାର ଟାଣି ଯୋଡ଼ ।



| | | | | | |
|---|---|---|---|---|---|
| | | ୫୦୦ଟ | ୫୦୦ଟ | | |
| ୫୦୦ଟ | ୧୦୦ଟ | ୧୦୦ଟ | ୧୦୦ଟ | ୫୦ଟ | ୫୦ଟ |
| ୫୦୦ଟ | ୧୦୦ଟ | ୧୦୦ଟ | ୧୦୦ଟ | ୧୦୦ଟ | ୧୦୦ଟ |
| ୫୦୦ଟ | ୧୦୦ଟ | ୫୦ଟ | ୨୦ଟ | ୧୦ଟ | ୫ଟ |
| ୫୦୦ଟ | ୧୦୦ଟ | ୧୦୦ଟ | ୧୦୦ଟ | ୫୦ଟ | ୫୦ଟ |

☞ ଶୂନ୍ୟସ୍ଥାନ ପୂରଣ କର ।

୧୦୦ଟଙ୍କା = ____ ଟି ୫୦ଟଙ୍କିଆ ନୋଟ୍
= ____ ଟି ୧୦ଟଙ୍କିଆ ନୋଟ୍
= ____ ଟି ୫ଟଙ୍କିଆ ନୋଟ୍
= ____ ଟି ୨ଟଙ୍କିଆ ନୋଟ୍

୫୦୦ଟଙ୍କା = ____ ଟି ୧୦୦ଟଙ୍କିଆ ନୋଟ୍
= ____ ଟି ୫୦ଟଙ୍କିଆ ନୋଟ୍
= ____ ଟି ୨୦ଟଙ୍କିଆ ନୋଟ୍
= ____ ଟି ୧୦ଟଙ୍କିଆ ନୋଟ୍
= ____ ଟି ୫ଟଙ୍କିଆ ନୋଟ୍

୧୦୦୦ଟଙ୍କା = ____ ଟି୫୦୦ଟଙ୍କିଆ ନୋଟ୍
= ____ ଟି ୧୦୦ଟଙ୍କିଆ ନୋଟ୍
= ____ ଟି ୫୦ଟଙ୍କିଆ ନୋଟ୍
= ____ ଟି ୨୦ଟଙ୍କିଆ ନୋଟ୍
= ____ ଟି ୧୦ଟଙ୍କିଆ ନୋଟ୍
= ____ ଟି ୫ଟଙ୍କିଆ ନୋଟ୍

COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

☞ ବିଭିନ୍ନ ଫଳର ଦାମ୍ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

| କଦଳୀ କାନ୍ଦି | ସେଓ | କମଳା | ଆତ ଝୁଡ଼ି | ପିଜୁଳି ଝୁଡ଼ି |
|---|---|---|---|---|
|  |  |  |  |  |
| ୪୫୦ ଟଙ୍କା | ୩୭୫ଟଙ୍କା | ୩୨୦ଟଙ୍କା | ୨୮୦ଟଙ୍କା | ୧୪୫ଟଙ୍କା |

(କ) ସେଓ ଝୁଡ଼ି ଓ କମଳା ଝୁଡ଼ିର ଦାମ୍ ମିଶି କେତେ ?

(ଖ) କଦଳୀ କାନ୍ଦି ଓ ଆତ ଝୁଡ଼ିର ଦାମ୍ ମିଶି କେତେ ?

(ଗ) ସେଓ ଝୁଡ଼ି ଓ ପିଜୁଳି ଝୁଡ଼ିର ଦାମ୍ ମିଶି କେତେ ?

(ଘ) କମଳା ଝୁଡ଼ି ଓ କଦଳୀ କାନ୍ଦିର ଦାମ୍ ମିଶି କେତେ ?

(ଙ) ସେଓ, କମଳା ଓ ପିଜୁଳି ଝୁଡ଼ିର ଦାମ୍ ମିଶି କେତେ ?

**☞ ତଳ ପରିବାଗୁଡ଼ିକର ଦାମ୍ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।**

| ଫୁଲକୋବି | ବନ୍ଧାକୋବି | କଞ୍ଚା କଦଳୀ | ଅମୃତଭଣ୍ଡା |
|---|---|---|---|
|  |  |  |  |
| ଟ୩୫.୩୫ପ | ଟ୨୦.୦୦ | ଟ.୪୦.୦୦ | ଟ୧୫.୫୦ପ. |

(କ) ଫୁଲକୋବିର ଦାମ୍ ବନ୍ଧାକୋବିର ଦାମ୍ ଠାରୁ କେତେ ଅଧିକ ?

(ଖ) ଅମୃତଭଣ୍ଡା ଦାମ୍ ଫୁଲକୋବିର ଦାମ୍ ଠାରୁ କେତେ କମ୍ ?

(ଗ) କଦଳୀ ଫେଣାର ଦାମ୍ ବନ୍ଧାକୋବିର ଦାମ୍ ଠାରୁ କେତେ ଅଧିକ ?

- ଆସ, ଟଙ୍କାକୁ ପଇସା ଓ ପଇସାକୁ ଟଙ୍କାରେ ପରିଣତ କରିବା ।

ଆମେ ଜାଣିଛେ ୧ ଟଙ୍କା= ୧୦୦ ପଇସା

୨ ଟଙ୍କା= ୨୦୦ ପଇସା

୫ ଟଙ୍କା= ______ ପଇସା

୭ ଟଙ୍କା= ______ ପଇସା

୧୧ ଟଙ୍କା= ______ ପଇସା

## ଆମେ ଜାଣିଲେ

ଟଙ୍କାକୁ ପଇସାରେ ପରିଣତ କରିବାକୁ ହେଲେ ଆମେ ଟଙ୍କା ପରିମାଣରେ ୧୦୦ ଗୁଣନ କରିବା ବା ଟଙ୍କାର ପରିମାଣର ଡାହାଣପଟେ ଦୁଇଟି ଶୂନ ଲେଖିବା ।

ଉଦାହରଣ- ୧ :







୧ଟଙ୍କା ୫୦ ପଇସା = ୧୦୦ ପଇସା + ୫୦ ପଇସା

= ୧୫୦ ପଇସା

COMPETITIVE BOOKS ଓଡ଼ିଶା Board and NCERT All Books With Solutions CBS

ଉଦାହରଣ-୨ ୫ଟଙ୍କା ୨୫ପଇସାକୁ ପଇସାରେ ପରିଣତ କର ।






ସମାଧାନ: ୧ଟଙ୍କା = ୧୦୦ପଇସା

୫ଟଙ୍କା = ୫୦୦ ପଇସା

ଟ୫.୨୫ପ = ୫୦୦ପଇସା + ୨୫ପଇସା

= ୫୨୫ ପଇସା

### ଶୂନ୍ୟସ୍ଥାନ ପୂରଣ କର

(କ) ଟ.୨.୭୫ପ = ______ ପଇସା + ______ ପଇସା = ______ ପଇସା

(ଖ) ଟ.୮.୬୦ପ = ______ ପଇସା + ______ ପଇସା = ______ ପଇସା

(ଗ) ଟ.୧୨.୮୦ପ = ______ ପଇସା + ______ ପଇସା = ______ ପଇସା

- ଏବେ ପଇସାରେ ଦିଆଯାଇଥିବା ପରିମାଣକୁ କିପରି ଟଙ୍କାରେ ପରିଣତ କରାଯିବ ଜାଣିବା ।

ଉଦାହରଣ ୩ : ୪୨୫ ପଇସାକୁ ଟଙ୍କାରେ ପରିଣତ କର ।

ସମାଧାନ : ୪୨୫ ପଇସା = ୪୦୦ ପଇସା + ୨୫ ପଇସା

= ୪ଟଙ୍କା ୨୫ ପଇସା ବା ଟ୪.୨୫

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

ଉଦାହରଣ ୪:୧୦୫୦ପଇସାକୁ ଟଙ୍କାରେ ପରିଣତ କର ।

ସମାଧାନ: ୧୦୫୦ ପଇସା = ୧୦୦୦ପଇସା + ୫୦ପଇସା

= ୧୦ଟଙ୍କା + ୫୦ ପଇସା

= ୧୦ଟଙ୍କା ୫୦ ପଇସା = ଟ୧୦.୫୦

### ଉତ୍ତର ଲେଖ

(କ) ୧୦୦୦ ପଇସା = ______ ଟଙ୍କା

(ଖ) ୫୭୦ ପଇସା = ______ ପଇସା + ______ ପଇସା

= ______ ଟଙ୍କା + ______ ପଇସା

= ଟ. [ ] . [ ] ପଇସା

(ଗ) ୯୦୫ ପଇସା = ______ ପଇସା + ______ ପଇସା

= ______ ଟଙ୍କା + ______ ପଇସା

= ଟ. [ ] . [ ] ପଇସା

ପଇସାରେ ଦିଆଯାଇଥିବା ପରିମାଣକୁ କିପରି ଟଙ୍କାରେ ପରିଣତ କରାଯାଇଛି ଲେଖ ।

______________________________________________

______________________________________________

ଆମେ ଜାଣିଲେ,

ପଇସାକୁ ଟଙ୍କାରେ ପରିଣତ କରିବାକୁ ହେଲେ ସଂଖ୍ୟାର ଡାହାଣପଟୁ ଦୁଇଟି ଅଙ୍କ ଛାଡ଼ି ବିନ୍ଦୁ (.) ଦିଆଯିବ ।

## ଟଙ୍କା ପଇସାର ଯୋଗ:

ବାପି ଦୋକାନରୁ ୨୮ଟଙ୍କା ୪୦ ପଇସା ମୂଲ୍ୟର ଆଳୁ ଓ ୩୨ଟଙ୍କା ୫୦ପଇସା ମୂଲ୍ୟର ପିଆଜ କିଣିଲା । ସେ ମୋଟ୍‌ରେ କେତେ ଟଙ୍କାର ଜିନିଷ କିଣିଲା ?

ଏଠାରେ ଆଳୁ ଓ ପିଆଜର ମୋଟ ମୂଲ୍ୟ ଜାଣିବା ପାଇଁ ଆମକୁ ୨୮ଟଙ୍କା ୪୦ ପଇସାରେ ୩୨ଟଙ୍କା ୫୦ପଇସାକୁ ଯୋଗ କରିବାକୁ ପଡ଼ିବ । ଏହାକୁ କିପରି ଯୋଗ କରାଯାଇଛି ଆସ ଦେଖିବା ।

**ପ୍ରଥମ ପ୍ରଣାଳୀ-**

ଆଳୁର ମୂଲ୍ୟ = ୨୮ଟଙ୍କା ୪୦ପଇସା

ପିଆଜର ମୂଲ୍ୟ = ୩୨ଟଙ୍କା ୫୦ ପଇସା

୨୮ ଟଙ୍କା ୪୦ ପଇସା = ୨୮୪୦ ପଇସା

୩୨ ଟଙ୍କା ୫୦ ପଇସା = ୩୨୫୦ ପଇସା

ମୋଟ ମୂଲ୍ୟ = ୨୮୪୦ପଇସା + ୩୨୫୦ ପଇସା

= ୬୦୯୦ ପଇସା

= ଟ୬୦.୯୦

**ଦ୍ୱିତୀୟ ପ୍ରଣାଳୀ-**

ଆଳୁର ମୂଲ୍ୟ ଟ୨୮ .୪୦

ପିଆଜର ମୂଲ୍ୟ ଟ୩୨.୫୦

ମୋଟ୍ ମୂଲ୍ୟ ଟ୬୦.୯୦

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

ଉଭୟ ପ୍ରଣାଳୀରେ ସମାନ ଉତ୍ତର ମିଳିଲା, କିନ୍ତୁ ଉଭୟ ପ୍ରଣାଳୀ ମଧ୍ୟରେ କ'ଣ ଭିନ୍ନତା ଅଛି ଲେଖ ।

______________________________________________

______________________________________________

ଲକ୍ଷ୍ୟ କର, ପ୍ରଥମ ପ୍ରଣାଳୀରେ ଉଭୟ ମୂଲ୍ୟକୁ ପଇସାରେ ପରିଣତ କରାଯାଇ ଯୋଗ କରାଯାଇଛି ଓ ମିଳିଥିବା ଯୋଗଫଳକୁ ପୁଣି ଟଙ୍କାରେ ପରିଣତ କରାଯାଇଛି । କିନ୍ତୁ, ଦ୍ୱିତୀୟ ପ୍ରଣାଳୀରେ ଉଭୟ ପରିମାଣକୁ ସ୍ତମ୍ଭରେ ତଳକୁ ତଳ ଲେଖାଯାଇ ପଇସାକୁ ପଇସା ସହ ଓ ଟଙ୍କାକୁ ଟଙ୍କା ସହ ଯୋଗ କରାଯାଇ ଉତ୍ତର ନିର୍ଣ୍ଣୟ କରାଯାଇଛି ।

ଦୁଇଟି ଯାକ ପ୍ରଣାଳୀ ମଧ୍ୟରୁ ତୁମକୁ କେଉଁଟି ଭଲ ଲାଗୁଛି ଓ କାହିଁକି ?

☞ ନିଜେ କର-

ଫାତିମା ୪୬ଟଙ୍କା ୬୦ ପଇସା ମୂଲ୍ୟର ଗୋଟିଏ ଜ୍ୟାମିତି ବାକ୍ସ ଓ ୪୮ ଟଙ୍କା ୩୦ ପଇସା ମୂଲ୍ୟର ଗୋଟିଏ ରଂଗତୂଳୀ କିଣିଲା । ଦୁଇଟିଯାକ ଜିନିଷ କିଣିବାରେ ସେ ମୋଟ କେତେ ଖର୍ଚ୍ଚ କଲା ?

## ଟଙ୍କା ପଇସାର ବିୟୋଗ:

**ଉଦାହରଣ** :ଟ ୯୫.୫୦ପ. - ଟ ୭୦.୮୫ପ. = କେତେ ?

**ସମାଧାନ**

ପ୍ରଥମ ପ୍ରଣାଳୀ

ଟ ୯୫.୫୦ପଇସା → ୯୫୫୦ପଇସା

\- ଟ ୭୦.୮୫ପଇସା → ୭୦୮୫ପଇସା

୨୪୬୫ପଇସା

୨୪୬୫ପଇସା = ଟ ୨୪.୬୫

ଦ୍ୱିତୀୟ ପ୍ରଣାଳୀ

| | ଟଙ୍କା | ପଇସା |
|---|---|---|
| | ୯୫ | ୫୦ |
| - | ୭୦ | ୮୫ |
| | ୨୪ | ୬୫ |

ଦୁଇଟିଯାକ ପ୍ରଣାଳୀରେ କରାଯାଇଥିବା ବିୟୋଗକୁ ଲକ୍ଷ୍ୟ କର । ଦୁଇଟି ପ୍ରଣାଳୀ ମଧ୍ୟରେ କ'ଣ ଭିନ୍ନତା ଅଛି କହ ।

## ରେଟ୍ ଚ଼ାର୍ଟ ବା ଚିଠା ପ୍ରସ୍ତୁତି:

ତୁମ ଗାଁରେ କିମ୍ବା ଗାଁ ପାଖରେ ଥିବା ଡାକଘରକୁ ଯାଇ ପୋଷ୍ଟକାର୍ଡ଼, ଅନ୍ତର୍ଦ୍ଦେଶୀୟ ପତ୍ର ଓ ଲଫାପାର ଦାମ କେତେ ବୁଝି ଲେଖ ।

ଗୋଟିଏ ପୋଷ୍ଟକାର୍ଡ଼ର ଦାମ୍ କେତେ ? ______

ଗୋଟିଏ ଅନ୍ତର୍ଦ୍ଦେଶୀୟ ପତ୍ରର ଦାମ୍ କେତେ ? ______

ଗୋଟିଏ ଲଫାପାର ଦାମ୍ କେତେ ? ______

COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

| ଜିନିଷର ନାମ | ଦର |
|---|---|
| ପୋଷ୍ଟକାର୍ଡ଼ | ଟ୦.୫୦ |
| ଅନ୍ତର୍ଦ୍ଦେଶୀୟ ପତ୍ର | ଟ୨.୫୦ |
| ଲଫାପା | ଟ୫.୦୦ |

ଲକ୍ଷ୍ୟକର, ଗୋଟିଏ ପୋଷ୍ଟକାର୍ଡ଼ର ମୂଲ୍ୟ ହେଉଛି ୫୦ ପଇସା । ଏହାକୁ ପୋଷ୍ଟକାର୍ଡ଼ର **ଦର** ବା **ରେଟ୍** କୁହାଯାଏ । କିନ୍ତୁ ୪ଟି ପୋଷ୍ଟକାର୍ଡ଼ କିଣିଲେ ୨ଟଙ୍କା ଦେବାକୁ ହେବ । ଏଠାରେ ୨ଟଙ୍କା ହେଉଛି **ଦାମ୍** । ସେହିପରି ଅନ୍ତର୍ଦ୍ଦେଶୀୟ ପତ୍ରର ଦର ହେଉଛି ଟ୨.୫୦ । ଗୋଟିଏ ଅନ୍ତର୍ଦ୍ଦେଶୀୟ ପତ୍ର କିଣିଲେ ଟ୨.୫୦ ଦେବାକୁ ପଡ଼ିବ । ଦୁଇଟି ଅନ୍ତର୍ଦ୍ଦେଶୀୟ ପତ୍ର କିଣିବାକୁ ଟ୫.୦୦ ଦରକାର । ଏହା ହେଉଛି ଦାମ୍ ।

ମିତା ତୁମ ପରି ୪ର୍ଥ ଶ୍ରେଣୀ ପଢୁଥିବା ଝିଅଟିଏ। ଥରେ ବାପାଙ୍କ ସାଙ୍ଗରେ ଘର ପାଇଁ ସଉଦା ଆଣିବାକୁ ଦୋକାନକୁ ଗଲା। କ'ଣ କ'ଣ ଜିନିଷ ଅଣାହେବ ତା'ର ଏକ ତାଲିକା ମା' ପ୍ରସ୍ତୁତ କରିଥିଲେ। ଦୋକାନୀ ତାଲିକା ଅନୁଯାୟୀ ଜିନିଷ ଦେଲେ ଏବଂ ମିତାକୁ ଖଣ୍ଡେ କାଗଜ ବଢ଼ାଇ ଦେଲେ। କାଗଜରେ କ'ଣ ଲେଖାଥିଲା ଆସ ଦେଖିବା।

**ଶ୍ରୀକାନ୍ତ ଭେରାଇଟି ଷ୍ଟୋର**

ଚିଠା ନମ୍ବର- ୬୫୪ ତାରିଖ-୨୦/୧/୨୦୧୫

କ୍ରେତାଙ୍କ ନାମ: ମିତା ମିଶ୍ର

| କ୍ର. ନ. | ଜିନିଷର ନାମ | ପରିମାଣ | ରେଟ୍ ବା ଦର୍ | ଦାମ୍ |
|---|---|---|---|---|
| ୧. | ହରଡ଼ ଡାଲି | ୧ କି.ଗ୍ରା | ଟ ୭୦.୦୦ | ଟ ୭୦.୦୦ |
| ୨. | ସୋରିଷ ତେଲ | ୧ ଲିଟର | ଟ ୬୫.୦୦/ ଲିଟର | ଟ ୬୫.୦୦ |
| ୩. | ପିଆଜ | ୧ କି.ଗ୍ରା | ଟ ୧୨.୦୦/ କି.ଗ୍ରା | ଟ ୧୨.୦୦ |
| ୪. | ଆଳୁ | ୧ କି.ଗ୍ରା | ଟ ୧୬.୦୦/ କି.ଗ୍ରା | ଟ ୧୬.୦୦ |
| ୫. | ଦିଆସିଲି | ୧ ଟା | ଟ୧.୦୦/ ଗୋଟିକୁ | ଟ ୧.୦୦ |
| | (ଏକ ଶହ ଚଉଷଠି ଟଙ୍କା ମାତ୍ର) | | ମୋଟ୍ | ଟ ୧୬୪.୦୦ |

ବିକ୍ରେତାଙ୍କ ଦସ୍ତଖତ

COMPETITIVE BOOKS ଓଡ଼ିଶା Board and NCERT OBS

ଉପରେ ଦିଆଯାଇଥିବା ଚିଠା ପଢ଼ି ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ।

(କ) ସେ କେଉଁ ଦୋକାନରୁ ସଉଦା କିଣିଲା ? ------------------

(ଖ) ମିତା କେଉଁ କେଉଁ ଜିନିଷ କିଣିଲା ? ------------------

(ଗ) ସଉଦା ବାବଦରେ ତାକୁ କେତେ ଟଙ୍କା ଦେବାକୁ ପଡ଼ିଲା ? ------------------

(ଘ) ଦୋକାନୀ ପିଆଜ କେତେ ଦରରେ ବିକିଲେ ? ------------------

(ଙ) ସୋରିଷ ତେଲର ରେଟ୍ କ'ଣ ? ------------------

ଏହିପରି ଦର ଓ ଦାମ୍ ଲେଖାଥିବା କାଗଜକୁ **ଚିଠା** କହନ୍ତି।

☞ ଚିଠାରୁ କେଉଁ କେଉଁ ସୂଚନା ମିଳେ ଲେଖ।

ନିତିଦିନିଆ ଜୀବନରେ ଆମେ ଟଙ୍କା ପଇସା ସମ୍ବନ୍ଧୀୟ ବିଭିନ୍ନ ହିସାବ କିତାବ କରୁଛେ। ଆସ, ତଳ ପ୍ରଶ୍ନଟିକୁ ସମାଧାନ କରିବା।

☞ ସମାଧାନ କର

ଅମିତ୍ ଜନ୍ମଦିନ ପାଇଁ ମା' ଙ୍କ ସହିତ ଯାଇ ୨୨୦ଟଙ୍କା ଦେଇ ଗୋଟିଏ ପ୍ୟାଣ୍ଟ ଓ ୧୨୫ଟଙ୍କା ଦେଇ ଗୋଟିଏ ସାର୍ଟ କିଣି ଦୋକାନୀକୁ ୫୦୦ଟଙ୍କିଆ ନୋଟ୍‌ଟିଏ ଦେଲା। ଦୋକାନୀ କେତେ ଟଙ୍କା ଫେରାଇବ ?

**ସମାଧାନ:**

ଗୋଟିଏ ପ୍ୟାଣ୍ଟର ଦାମ୍ = ଟ ________
ଗୋଟିଏ ସାର୍ଟର ଦାମ୍ = ଟ ________

ମୋଟ୍ = ଟ ----------

ଦୋକାନୀକୁ ଦେଲା = ଟ ________
ପ୍ୟାଣ୍ଟ ଓ ସାର୍ଟର ଦାମ୍ ମିଶି = ଟ ________

ଦୋକାନୀ ଫେରାଇଲା = ଟ ----------

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

## ଅଭ୍ୟାସ କାର୍ଯ୍ୟ

**୧. ଖାଲିସ୍ଥାନ ପୂରଣ କର।**

(କ) ୪ଟଙ୍କା = ____ ପଇସା  (ଖ) ୯ଟ ଙ୍କା = ____ ପଇସା

(ଗ) ଟ ୬.୩୫ ପ. = ____ ପଇସା  (ଘ) ଟ ୭.୦୮ ପ. = ____ ପଇସା

(ଙ) ଟ ୧୫.୨୯ ପ. = ____ ପଇସା  (ଚ) ଟ ୪୯.୭୦ ପ. = ____ ପଇସା

୨. ଟଙ୍କାରେ ପ୍ରକାଶ କର।

(କ) ୬୦୦ ପଇସା = ____  (ଖ) ୯୯୦ ପଇସା = ____

(ଗ) ୮୮୮ ପଇସା = ____  (ଘ) ୧୬୦୮ ପଇସା = ____

(ଙ) ୩୦୭୦ ପଇସା = ____  (ଖ) ୫୦୦୫ ପଇସା = ____

୩. ଦିଆଯାଇଥିବା ଦୁଇଟି ପରିମାଣକୁ ପଇସାରେ ପରିଣତ କରି ଯୋଗଫଳ ନିର୍ଣ୍ଣୟ କର ।

(କ) ଟ ୧୯.୭୫ ଓ ଟ ୫୦.୨୫

(ଖ) ଟ ୨୬.୩୦ ଓ ଟ ୩୬.୮୮

(ଗ) ଟ ୯.୯୯ ଓ ଟ ୮୮.୮୭

(ଘ) ଟ ୪୨.୦୯ ଓ ଟ ୫୬.୯୫

୪. ଯୋଗକର ।

(କ)

| ଟଙ୍କା | ପଇସା |
|---|---|
| ୫୫ | ୮୦ |
| + ୨୯ | ୬୦ |

(ଖ)

| ଟଙ୍କା | ପଇସା |
|---|---|
| ୬୫ | ୭୦ |
| + ୩୩ | ୭୫ |

(ଗ)

| ଟଙ୍କା | ପଇସା |
|---|---|
| ୪୦ | ୫୦ |
| + ୫୦ | ୬୦ |

୫. ପଇସାରେ ପରିଣତ କରି ବିୟୋଗ କର ।

(କ) ଟ୨୧.୨୦ପ. ରୁ ଟ୧୫.୭୫ପ.

(ଖ) ଟ ୩୫.୫୦ପ. ରୁ ଟ.୨୭.୮୫ପ.

(ଗ) ଟ ୯୯.୮୫ପ. ରୁ ଟ୨୯.୯୦ପ.

(ଘ) ଟ୧୦୮.୪୫ପ. ରୁ ଟ୬୮.୬୦ପ.

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

୬. ବିୟୋଗଫଳ ନିର୍ଣ୍ଣୟ କର ।

(କ)

| ଟଙ୍କା | ପଇସା |
|---|---|
| ୪୨ | ୩୦ |
| - ୨୯ | ୭୦ |

(ଖ)

| ଟଙ୍କା | ପଇସା |
|---|---|
| ୫୬ | ୪୦ |
| -୩୮ | ୮୦ |

ଗ)

| ଟଙ୍କା | ପଇସା |
|---|---|
| ୨୧୨ | ୨୫ |
| - ୯୯ | ୯୦ |

୭. ତଳେ କେତେକ ଜିନିଷର ଦର ଦିଆଯାଇଛି । ଜନ୍ ପ୍ରତ୍ୟେକରୁ ଦୁଇଟି ଲେଖାଏଁ କିଣିଲା । ତୁମେ ଏଥିପାଇଁ ଦିଆଯାଇଥିବା ଅସଂପୂର୍ଣ୍ଣ ଚିଠାକୁ ସଂପୂର୍ଣ୍ଣ କର ଓ ଦୋକାନୀକୁ କେତେ ଟଙ୍କା ଦେବ କୁହ ?

ଗୋଟିଏ ଖାତାର ମୂଲ୍ୟ ୧୦ଟଙ୍କା,
ଗୋଟିଏ କଲମର ମୂଲ୍ୟ ୫ଟଙ୍କା,
ଗୋଟିଏ ପେନ୍‌ସିଲ୍‌ର ମୂଲ୍ୟ ୨ଟଙ୍କା,
ଗୋଟିଏ ରବରର ମୂଲ୍ୟ ୧ଟଙ୍କା,
ଗୋଟିଏ ଜ୍ୟାମିତି ବାକ୍ସର ମୂଲ୍ୟ ୪୦ଟଙ୍କା ।

ଚିଠା ନମ୍ବର - ୭୨ ତାରିଖ - ୧୧.୦୮.୦୯

କ୍ରେତାଙ୍କ ନାମ - ଜନ୍

| କ୍ରମିକ ନମ୍ବର | ଜିନିଷର ନାମ | ପରିମାଣ | ଦର | ଦାମ୍ |
|---|---|---|---|---|
| | | | | |
| | | | | |

(ଖ)ରିଙ୍କି ଦୋକାନରୁ ପ୍ରତ୍ୟେକ ଜିନିଷ ଗୋଟିଏ ଲେଖାଏଁ କିଣି ଦୋକାନୀଙ୍କୁ ୧୦୦ ଟଙ୍କିଆ ନୋଟ୍ ଖଣ୍ଡିଏ ଦେଲା । ଦୋକାନୀ କେତେ ଟଙ୍କା ଫେରାଇ ଦେବ ?

ରିଙ୍କି ଦୋକାନୀଙ୍କୁ ଦେଲା = ଟ. ..........

ଜିନିଷର ମୋଟ ଦାମ୍ = ଟ. ..........

ଦୋକାନୀ ଫେରାଇ ଦେଲା = ଟ. .........

୮. ତଳେ କେତେକ ଜିନିଷର ଦର ଦିଆଯାଇଛି । ଭିକି ପ୍ରତ୍ୟେକରୁ ଗୋଟିଏ ଲେଖାଏଁ କିଣି ଦୋକାନୀକୁ ୧୦୦ ଟଙ୍କା ଦେଲେ । ସେ କେତେ ଟଙ୍କା ଫେରି ପାଇବେ ? ଏହାର ଏକ ଚିଠା ପ୍ରସ୍ତୁତ କର ।

ସାବୁନ - ଟ୧୫.୭୫ପ.

ନଡ଼ିଆ ତେଲ - ଟ ୩୨.୫୦ପ.

ମହମବତୀ - ଟ ୨.୫୦ପ.

ମଶାଧୂପ - ଟ ୧୮.୦୦

କଲ୍‌ଗେଟ୍ ପେଷ୍ଟ - ଟ ୨୭.୦୦

୯.(କ) ସୋରେନ୍ ପୋଷ୍ଟଅଫିସ୍‌ରୁ ଦୁଇଟି ଲେଖାଏଁ ପୋଷ୍ଟକାର୍ଡ଼, ଅନ୍ତର୍ଦ୍ଦେଶୀୟ ପତ୍ର ଓ ଲଫାପା କିଣି ୫୦ ଟଙ୍କିଆ ନୋଟ୍‌ଟିଏ ଦେଲେ । ପୋଷ୍ଟମାଷ୍ଟର ତାଙ୍କୁ କେତେ ଟଙ୍କା ଫେରାଇବେ ? ଏହାର ଏକ ଚିଠା ପ୍ରସ୍ତୁତ କର ।

(ଖ) ସେ ଯଦି ୧୦୦ଟଙ୍କା ଦେଇଥା'ନ୍ତେ, ତେବେ ପୋଷ୍ଟମାଷ୍ଟର ତାଙ୍କୁ କେତେ ଟଙ୍କା ଫେରାଇଥା'ନ୍ତେ ?

COMPETITIVE BOOKS
All Books With Solutions
OBS

୧୦. ତଳେ କେତେକ ଜିନିଷର ଦର ଦିଆଯାଇଛି । ତା'ର ଅର୍ଥ କ'ଣ ପାଖ ଖାଲି ଘରେ ଲେଖ ।

| ଜିନିଷ | ଦର | ଅର୍ଥ |
|---|---|---|
| ଅଟା | ଟ.୧୬ / କି.ଗ୍ରା. | ୧ କି.ଗ୍ରା. ଅଟାର ମୂଲ୍ୟ ୧୬ ଟଙ୍କା |
| ଚାଉଳ | ଟ.୧୨ / କି.ଗ୍ରା. | |
| ରିଫାଇନ୍ ତେଲ | ଟ.୬୮ / ଲିଟର | |
| କଦଳୀ | ଟ.୨୫ / ଡ଼ଜନ | |
| ନଡ଼ିଆ | ଟ.୫.୫୦ / ଗୋଟି | |
| ମହମବତୀ | ଟ.୨୦ / ପ୍ୟାକେଟ୍ | |
| ପେଷ୍ଟ | ଟ.୨୮ / ୧୦୦ ଗ୍ରାମ୍ | |

୧୧. ଏସ୍ମା ଜଳଖିଆ ଦୋକାନକୁ ଗଲା । ଦୋକାନରେ ରେଟ୍ ତାଲିକା ଟଙ୍ଗାଯାଇଥିଲା ।

ରେଟ୍ ତାଲିକା

| ଜିନିଷ | ଦର |
|---|---|
| ବରା | ଟ.୧.୫୦ / ଗୋଟି |
| ଆଳୁଚପ୍ | ଟ.୧.୦୦ / ଗୋଟି |
| ସିଙ୍ଗଡ଼ା | ଟ.୨.୦୦ / ଗୋଟି |
| ରସଗୋଲା | ଟ.୨.୫୦ / ଗୋଟି |
| ତରକାରୀ | ଟ.୩.୫୦ / ପ୍ଲେଟ୍ |

ପ୍ରଥମାରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solution OBS

ଏସମା ୪ଟି ବରା, ୨ଟି ଆଳୁଚପ୍, ୬ଟି ସିଙ୍ଗଡ଼ା, ୪ଟି ରସଗୋଲା ଓ ୨ପ୍ଲେଟ୍ ତରକାରୀ କିଣି ୫୦ଟଙ୍କା ଦେଲା । ଏହାର ଏକ ଚିଠା ପ୍ରସ୍ତୁତ କର ।

୧୨. ତଳେ ଏକ ପ୍ରଶ୍ନର ସମାଧାନ ଦିଆଯାଇଛି । ଯେଉଁ ପ୍ରଶ୍ନ ପାଇଁ ଏହି ସମାଧାନ ଦିଆଯାଇଛି ସେହି ପ୍ରଶ୍ନଟିକୁ ତୁମ ଖାତାରେ ଲେଖ ।

ଖଣ୍ଡିଏ ଡ୍ରଇଁ ଖାତାର ଦାମ୍ = ଟ ୮.୫୦ପ.

ଗୋଟିଏ ପେନ୍ସିଲ୍‌ର ଦାମ୍ = ଟ ୨.୭୫ପ.

ମୋଟ୍ = ଟ ୧୧.୨୫ପ.

| | | |
|---|---|---|
| ଦୋକାନୀକୁ ଲିଲି ଦେଲା | = | ଟ.୨୦.୦୦ପ. |
| ଲିଲି କିଣିଲା | = | ଟ.୧୧.୨୫ପ. |
| ଦୋକାନୀ ଫେରାଇଲା | = | ଟ.୮.୭୫ପ. |

୧୨. ମିକିଲି ଓ ଟିକିଲି ଦୁଇ ଭଉଣୀ, ବାପାଙ୍କ ଠାରୁ ଟଙ୍କା ଆଣି ମଝିରେ ମଝିରେ ମାଟି କୁମ୍ପିରେ ଗଳାନ୍ତି । ଦିନେ କୁମ୍ପି ଭାଙ୍ଗି ଟଙ୍କା ଗଣିଲେ । ମିକିଲି ୮୭ଟଙ୍କା ଓ ଟିକିଲି ୧୨୬ଟଙ୍କା ଗଣିଲେ । ଏବେ କହ ଓ ଲେଖ ।



(କ) କୁମ୍ପିରେ କେତେ ଟଙ୍କା ଥିଲା ?

(ଖ) ମିକିଲିର ଟଙ୍କା ଟିକିଲି ଟଙ୍କା ଠାରୁ କେତେ କମ୍ ?

୧୩. ଗୋଟିଏ ଟର୍ଚ୍ଚର ଦାମ୍ ୧୩୦ ଟଙ୍କା । ଗୋଟିଏ ଛତାର ଦାମ୍ ତା' ଅପେକ୍ଷା ୧୭ ଟଙ୍କା କମ୍ ହେଲେ,

(କ) ଛତାର ଦାମ୍ କେତେ ?

(ଖ) ଉଭୟର ଦାମ୍ ମିଶି କେତେ ?

୧୪. ଗୋଟିଏ ପେନ୍‌ସିଲ୍ ବାକ୍ସର ଦାମ୍ ଟ ୨୫.୫୦ । ଜ୍ୟାମିତି ବାକ୍ସର ଦାମ୍ ତା' ଅପେକ୍ଷା ଟ ୧୯.୮୦ ଅଧିକ ।

(କ) ଜ୍ୟାମିତି ବାକ୍ସର ଦାମ୍ କେତେ ?

(ଖ) ଦୁଇଟିର ଦାମ୍ ମିଶି କେତେ ?

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

୧୫. ଲୀନା ତା' ବଡ଼ଭାଇ ପାଖକୁ ଡାକରେ ରାକ୍ଷୀ ପଠାଇବା ପାଇଁ ଡାକଘରକୁ ଗଲା । ପୋଷ୍ଟମାଷ୍ଟର କହିଲେ ଏଥିପାଇଁ ୨୫ ଟଙ୍କାର ଡାକଟିକଟ ଦରକାର । କିନ୍ତୁ ଡାକଘରେ ୧ ଟଙ୍କିଆ, ୨ ଟଙ୍କିଆ, ୫ ଟଙ୍କିଆ ଓ ୧୦ ଟଙ୍କିଆ ଡାକଟିକଟ ମିଳୁଥିଲା । ସେ କେଉଁଥିରୁ କେତୋଟି ଲେଖାଏଁ ଟିକଟ କିଣି ୨୫ ଟଙ୍କାର ଡାକଟିକଟ ଲଫାପାରେ ଲଗାଇବ ?

(ଏହି ପ୍ରଶ୍ନର ଭିନ୍ନ ଭିନ୍ନ ଉତ୍ତର ସମ୍ଭବ, ତୁମେ ଯେ କୌଣସି ଚାରି ପ୍ରକାର ଉପାୟରେ ୨୫ଟଙ୍କାର ଡ଼ାକ ଟିକଟ କିଣିବାର ଉତ୍ତର ଲେଖ)



# ଅଭ୍ୟାସ
## ପ୍ରଶ୍ନ ଓ ଉତ୍ତର



୧ । ଖାଲିସ୍ଥାନ ପୂରଣ କର । (ପ୍ରଶ୍ନ ସହ ଉତ୍ତର)

(କ) ୪ ଟଙ୍କା = ୪୦୦ ପଇସା ।

(ଖ) ୯ଟଙ୍କା = ୯୦୦ ପଇସା ।

(ଗ) ଟ୬.୩୫ପ. = ୬୩୫ ପଇସା ।

(ଘ) ଟ୭.୦୮ପ. = ୭୦୮ ପଇସା ।

(ଙ) ଟ୧୫.୨୯ପ. = ୧୫୨୯ ପଇସା ।

(ଚ) ଟ୪୯.୭୦ପ. = ୪୯୭୦ ପଇସା ।

COMPETITIVE BOOKS (ଓଡ଼ିଶା Board and NCERT) All Books With Solutions OBS

୨ । ଟଙ୍କାରେ ପ୍ରକାଶ କର । (ପ୍ରଶ୍ନ ସହ ଉତ୍ତର)

(କ) ୬୦୦ ପଇସା = ଟ. ୬.୦୦

(ଖ) ୯୯୦ ପଇସା = ଟ.୯.୯୦ପ.

(ଗ) ୮୮୮ ପଇସା = ଟ.୮.୮୮ପ.

(ଘ) ୧୬୦୮ ପଇସା = ଟ୧୬.୦୮ପ.

(ଙ) ୩୦୭୦ ପଇସା = ଟ.୩୦.୭୦ପ.

(ଚ) ୫୦୦୫ ପଇସା = ଟ.୫୦.୫୦ପ.

୩। ଦିଆଯାଇଥିବା ଦୁଇଟି ପରିମାଣକୁ ପଇସାରେ ପରିଣତ କରି ଯୋଗଫଳ ନିର୍ଣ୍ଣୟ କର ।

(କ) ଟ୧୯.୭୫ ଓ ଟ୫୦.୨୫

ଉ : ଟ୧୯.୭୫ପ + ଟ୫୦.୨୫ପ
= ୧୯୭୫ପଇସା + ୫୦୨୫ପଇସା
=୭୦୦୦ପଇସା = ଟ୭୦.୦୦

(ଖ) ଟ୨୬.୩୦ ଓ ଟ୩୬.୮୮

ଉ : ଟ୨୬.୩୦ପ. + ଟ୩୬.୮୮ପ.
=୨୬୩୦ପଇସା + ୩୬୮୮ପଇସା
= ୬୩୧୮ପଇସା = ଟ୬୩.୧୮ପ.

(ଗ) ଟ୯.୯୯ ଓ ଟ୮୮.୮୭

ଉ : ଟ୯.୯୯ + ଟ୮୮.୮୭
= ୯୯୯ ପଇସା + ୮୮୮୭ ପଇସା
= ୯୮୮୬ ପଇସା = ଟ୯୮.୮୬ପ.

(ଘ) ଟ୪୨.୦୯ ଓ ଟ୫୬.୯୫

ଉ : ଟ୪୨.୦୯ + ଟ୫୬.୯୫
= ୪୨୦୯ପଇସା + ୫୬୯୫ପଇସା
= ୯୯୦୪ପଇସା = ଟ୯୯.୦୪ପ.

୫। ପଇସାରେ ପରିଣତ କରି ବିୟୋଗ କର ।

(କ) ଟ୨୧.୨୦ପ. ରୁ ଟ୧୫.୭୫ପ.

ଉ : ଟ୨୧.୨୦ପ. – ଟ୧୫.୭୫ପ.
=୨୧୨୦ପଇସା – ୧୫୭୫ପଇସା
=୫୪୫ ପଇସା = ଟ୫.୪୫ପ.

(ଖ) ଟ୩୫.୫୦ପ. ରୁ ଟ୨୭.୮୫ପ.

ଉ : ଟ୩୫.୫୦ପ. – ଟ୨୭.୮୫ପ.
= ୩୫୫୦ପଇସା – ୨୭୮୫ ପଇସା
= ୭୬୫ ପଇସା = ଟ୭.୬୫ପ.

(ଗ) ଟ୯୯.୮୫ପ. ରୁ ଟ୨୯.୯୦ପ.

ଉ : ଟ୯୯.୮୫ପ. –ଟ୨୯.୯୦ପ.
=୯୯୮୫ପଇସା –୨୯୯୦ପଇସା
=୬୯୯୫ ପଇସା = ଟ୬୯.୯୫ପ.

(ଘ) ଟ୧୦୮.୪୫ପ. ରୁ ଟ୬୮.୬୦ପ.

ଉ : ଟ୧୦୮.୪୫ପ. – ଟ୬୮.୬୦ପ.
=୧୦୮୪୫ପଇସା –୬୮୬୦ପଇସା
=୩୯୮୫ପଇସା = ଟ୩୯.୮୫ପ.

ପ୍ରଥମ ରୁ ଦ୍ଵାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

୪। ଯୋଗକର । (ପ୍ରଶ୍ନ ସହ ଉତ୍ତର)

(କ)

| | ଟଙ୍କା | ପଇସା |
|---|---|---|
| | ୫୫ | ୮୦ |
| + | ୨୯ | ୬୦ |
| | ୮୫ | ୪୦ |

(ଖ)

| | ଟଙ୍କା | ପଇସା |
|---|---|---|
| | ୬୫ | ୭୦ |
| + | ୩୩ | ୭୫ |
| | ୯୯ | ୪୫ |

(ଗ)

| | ଟଙ୍କା | ପଇସା |
|---|---|---|
| | ୪୦ | ୫୦ |
| + | ୫୦ | ୬୦ |
| | ୯୧ | ୧୦ |

୬। ବିୟୋଗଫଳ ନିର୍ଣ୍ଣୟ କର । (ପ୍ରଶ୍ନ ସହ ଉତ୍ତର)

(କ)

| | ଟଙ୍କା | ପଇସା |
|---|---|---|
| | ୪୨ | ୩୦ |
| – | ୨୯ | ୭୦ |
| | ୧୨ | ୬୦ |

(ଖ)

| | ଟଙ୍କା | ପଇସା |
|---|---|---|
| | ୫୬ | ୪୦ |
| – | ୩୮ | ୮୦ |
| | ୧୭ | ୬୦ |

(ଗ)

| | ଟଙ୍କା | ପଇସା |
|---|---|---|
| | ୨୧୨ | ୨୫ |
| – | ୯୯ | ୯୦ |
| | ୧୧୨ | ୩୫ |

୭।(କ)ତଳେ କେତେକ ଜିନିଷର ଦର ଦିଆଯାଇଛି । ଜନ୍ ପ୍ରତ୍ୟେକରୁ ଦୁଇଟି ଲେଖାଏଁ କିଣିଲା । ତୁମେ ଏଥିପାଇଁ ଦିଆଯାଇଥିବା ଅସଂପୂର୍ଣ୍ଣ ଚିଠାକୁ ସଂପୂର୍ଣ୍ଣ କର ଓ ଦୋକାନୀକୁ କେତେ ଟଙ୍କା ଦେବ କୁହ ?

ଗୋଟିଏ ଖାତାର ମୂଲ୍ୟ ୧୦ଟଙ୍କା, ଗୋଟିଏ କଲମର ମୂଲ୍ୟ ୫ଟଙ୍କା,
ଗୋଟିଏ ପେନ୍ସିଲ୍‌ର ମୂଲ୍ୟ ୨ଟଙ୍କା, ଗୋଟିଏ ରବରର ମୂଲ୍ୟ ୧ଟଙ୍କା,
ଗୋଟିଏ ଜ୍ୟାମିତି ବାକ୍ସର ମୂଲ୍ୟ ୪୦ଟଙ୍କା ।

ଉ :

ଚିଠା ନଂ - ୭୨ ତାରିଖ-୧୧/୦୮/୨୦୦୯

କ୍ରେତାଙ୍କ ନାମ : ଜନ୍

| କ୍ର.ନଂ. | ଜିନିଷର ନାମ | ପରିମାଣ | ଦର | ଦାମ୍ |
|---|---|---|---|---|
| ୧ | ଖାତା | ୨ଟି | ଟ ୧୦.୦୦ | ଟ ୨୦.୦୦ |
| ୨ | କଲମ | ୨ଟି | ଟ ୫.୦୦ | ଟ ୧୦.୦୦ |
| ୩ | ପେନସିଲ୍ | ୨ଟି | ଟ ୨.୦୦ | ଟ ୪.୦୦ |
| ୪ | ରବର | ୨ଟି | ଟ ୧.୦୦ | ଟ ୨.୦୦ |
| ୫ | ଜ୍ୟାମିତି ବାକ୍ସ | ୨ଟି | ଟ ୪୦.୦୦ | ଟ ୮୦.୦୦ |
| | (ଏକ ଶହ ଷୋହଳ ଟଙ୍କା ମାତ୍ର) | | ମୋଟ୍ | ଟ ୧୧୬.୦୦ |

ଖ) ରିଙ୍କି ଦୋକାନରୁ ପ୍ରତ୍ୟେକ ଜିନିଷ ଗୋଟିଏ ଲେଖାଏଁ କିଣି ଦୋକାନୀଙ୍କୁ ୧୦୦ ଟଙ୍କିଆ ନୋଟ୍ ଖଣ୍ଡିଏ ଦେଲା । ଦୋକାନୀ କେତେ ଟଙ୍କା ଫେରାଇ ଦେବ ?

ଉ : ରିଙ୍କି ଦୋକାନୀଙ୍କୁ ଦେଲା = ଟ ୧୦୦.୦୦
ଜିନିଷର ମୋଟ୍ ଦାମ୍ = ଟ ୫୮.୦୦
ଦୋକାନୀ ଫେରାଇ ଦେଲା = ଟ ୪୨.୦୦

୮ । ତଳେ କେତେକ ଜିନିଷର ଦର ଦିଆଯାଇଛି । ଭିକି ପ୍ରତ୍ୟେକରୁ ଗୋଟିଏ ଲେଖାଏଁ କିଣି ଦୋକାନୀଙ୍କୁ ୧୦୦ ଟଙ୍କା ଦେଲେ । ସେ କେତେ ଟଙ୍କା ଫେରି ପାଇବେ ? ଏହାର ଏକ ଚିଠା ପ୍ରସ୍ତୁତ କର ।

ସାବୁନ - ଟ୧୫.୭୫ପ.
ନଡ଼ିଆ ତେଲ - ଟ୩୨.୫୦ପ.
ମହମବତୀ - ଟ୨.୫୦ପ.
ମଶାଧୂପ - ଟ୧୮.୦୦ପ.
କଲ୍‌ଗେଟ୍‌ପେଷ୍ଟ - ଟ୨୭.୦୦ପ.

ଉ : ଚିଠା ନଂ - ୭୩ ତାରିଖ-୩୦/୮/୨୦୧୦
କ୍ରେତାଙ୍କ ନାମ : ଭିକି

| କ୍ର.ନଂ. | ଜିନିଷର ନାମ | ପରିମାଣ | ଦର | ଦାମ୍ |
|---|---|---|---|---|
| ୧ | ସାବୁନ | ୧ଟି | ଟ ୧୫.୭୫ | ଟ ୧୫.୭୫ |
| ୨ | ନଡିଆତେଲ | ୧ଟି | ଟ ୩୨.୫୦ | ଟ ୩୨.୫୦ |
| ୩ | ମହମବତୀ | ୧ଟି | ଟ ୨.୫୦ | ଟ ୨.୫୦ |
| ୪ | ମଶାଧୂପ | ୧ଟି | ଟ ୧୮.୦୦ | ଟ ୧୮.୦୦ |
| ୫ | କଲ୍‌ଗେଟ୍‌ପେଷ୍ଟ | ୧ଟି | ଟ ୨୭.୦୦ | ଟ ୨୭.୦୦ |
| (ପଞ୍ଚାନବେ ଟଙ୍କା ପଚସ୍ତରୀ ପଇସା ମାତ୍ର) | | | ମୋଟ୍ | ଟ ୯୫.୭୫ |

ଭିକି ପାଖରେ ଥିଲା = ୧୦୦ ଟଙ୍କା
ସେ ମୋଟ ସଉଦା କିଣିଲା = ଟ.୯୫.୭୫ପ.
∴ ଭିକି ଟଙ୍କା ଫେରିପାଇବ = ଟ.୧୦୦ − ଟ.୯୫.୭୫ପ. = ଟ.୪.୨୫ପ. (ଉ)

ପ୍ରଥମ ବ୍ରାହ୍ମଣ COMPETITIVE BOOKS ଓଡ଼ିଶା Board and NCERT All Books With Solutions CBS

୯ ।(କ) ସୋରେନ୍ ପୋଷ୍ଟ ଅଫିସ୍‌ରୁ ଦୁଇଟି ଲେଖାଏଁ ପୋଷ୍ଟକାର୍ଡ, ଅନ୍ତର୍ଦ୍ଦେଶୀୟ ପତ୍ର ଓ ଲଫାପା କିଣି ୫୦ ଟଙ୍କିଆ ନୋଟ୍‌ଟିଏ ଦେଲେ । ପୋଷ୍ଟମାଷ୍ଟର ତାଙ୍କୁ କେତେ ଟଙ୍କା ଫେରାଇବେ ? ଏହାର ଏକ ଚିଠା ପ୍ରସ୍ତୁତ କର ।
(ଖ) ସେ ଯଦି ୧୦୦ ଟଙ୍କା ଦେଇଥା'ନ୍ତେ, ତେବେ ପୋଷ୍ଟମାଷ୍ଟର ତାଙ୍କୁ କେତେ ଟଙ୍କା ଫେରାଇଥା'ନ୍ତେ ?

ଉ :(କ) ଚିଠା ନଂ - ୧୦ ତାରିଖ-୧୬/୮/୨୦୧୦
କ୍ରେତାଙ୍କ ନାମ : ସୋରେନ୍

| କ୍ର.ନଂ. | ଜିନିଷର ନାମ | ପରିମାଣ | ଦର | ଦାମ୍ |
|---|---|---|---|---|
| ୧ | ପୋଷ୍ଟକାର୍ଡ | ୨ଟି | ଟ ୦.୫୦ | ଟ ୧.୦୦ |
| ୨ | ଅନ୍ତର୍ଦ୍ଦେଶୀୟ ପତ୍ର | ୨ଟି | ଟ ୨.୫୦ | ଟ ୫.୦୦ |
| ୩ | ଲଫାପା | ୨ଟି | ଟ ୫.୦୦ | ଟ ୧୦.୦୦ |
| (ଷୋହଳ ଟଙ୍କା ମାତ୍ର) | | | ମୋଟ | ଟ. ୧୬.୦୦ |

ସୋରେନ୍ ପୋଷ୍ଟମାଷ୍ଟରଙ୍କୁ ଦେଲା ଟ ୫୦.୦୦
ଜିନିଷଗୁଡ଼ିକର ଦାମ୍ − ଟ ୧୬.୦୦
∴ ପୋଷ୍ଟମାଷ୍ଟର ଫେରାଇ ଦେଲେ = ଟ ୩୪.୦୦

(ଖ) ସେ ଯଦି ଦେଇଥା'ନ୍ତେ = ଟ୧୦୦.୦୦
ଜିନିଷଗୁଡ଼ିକର ଦାମ୍ = ଟ୧୬.୦୦
∴ ପୋଷ୍ଟମାଷ୍ଟର ଫେରାଇଥା'ନ୍ତେ = ଟ୮୪.୦୦

୧୦ । ତଳେ କେତେକ ଜିନିଷର ଦର ଦିଆଯାଇଛି । ତା'ର ଅର୍ଥ କ'ଣ ପାଖ ଖାଲି ଘରେ ଲେଖ ।

| ଜିନିଷ | ଦର | ଅର୍ଥ |
|---|---|---|
| ଅଟା | ଟ.୧୬/କି.ଗ୍ରା. | ୧ କି.ଗ୍ରା. ଅଟାର ମୂଲ୍ୟ ୧୬ ଟଙ୍କା |
| ଚାଉଳ | ଟ.୧୨/କି.ଗ୍ରା. | |
| ରିଫାଇନ୍ ତେଲ | ଟ.୬୮/ଲିଟର | |
| କଦଳୀ | ଟ.୨୫/ଡଜନ | |
| ନଡ଼ିଆ | ଟ.୫.୫୦/ଗୋଟି | |
| ମହମବତୀ | ଟ.୨୦/ପ୍ୟାକେଟ୍ | |
| ପେଷ୍ଟ | ଟ.୨୮/୧୦୦ଗ୍ରାମ୍ | |

ଉ :

| ଜିନିଷ | ଦର | ଅର୍ଥ |
|---|---|---|
| ଅଟା | ଟ.୧୬/କି.ଗ୍ରା. | ୧ କି.ଗ୍ରା. ଅଟାର ମୂଲ୍ୟ ୧୬ ଟଙ୍କା |
| ଚାଉଳ | ଟ.୧୨/କି.ଗ୍ରା. | ୧ କି.ଗ୍ରା. ଚାଉଳର ମୂଲ୍ୟ ୧୨ ଟଙ୍କା |
| ରିଫାଇନ୍ ତେଲ | ଟ.୬୮/ଲିଟର | ୧ଲିଟର ରିଫାଇନ୍ ତେଲର ମୂଲ୍ୟ ୬୮ଟଙ୍କା |
| କଦଳୀ | ଟ.୨୫/ଡଜନ | ୧ ଡଜନ କଦଳୀର ମୂଲ୍ୟ ୨୫ ଟଙ୍କା |
| ନଡ଼ିଆ | ଟ.୫.୫୦/ଗୋଟି | ଗୋଟିଏ ନଡିଆର ମୂଲ୍ୟ ଟ.୫.୫୦ |
| ମହମବତୀ | ଟ.୨୦/ପ୍ୟାକେଟ୍ | ୧ ପ୍ୟାକେଟ୍ ମହମବତୀର ଦାମ୍ ୨୦ଟଙ୍କା |
| ପେଷ୍ଟ | ଟ.୨୮/୧୦୦ଗ୍ରାମ୍ | ୧୦୦ ଗ୍ରାମ୍‌ର ଗୋଟିଏ ପେଷ୍ଟର ଦାମ୍ ୨୮ ଟଙ୍କା |

ପ୍ରଥମ ବୁକ୍ସ COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

୧୧ । ଏସ୍‌ମା ଜଳଖିଆ ଦୋକାନକୁ ଗଲା । ଦୋକାନରେ ରେଟ୍ ତାଲିକା ଟଙ୍ଗାଯାଇଥିଲା ।

ରେଟ୍ ତାଲିକା

| ଜିନିଷ | ଦର |
|---|---|
| ବରା | ଟ.୧.୫୦ /ଗୋଟି |
| ଆଲୁଚପ୍ | ଟ.୧.୦୦ /ଗୋଟି |
| ସିଙ୍ଗଡ଼ା | ଟ.୨.୦୦ /ଗୋଟି |
| ରସଗୋଲା | ଟ.୨.୫୦ /ଗୋଟି |
| ତରକାରୀ | ଟ.୩.୫୦ / ପ୍ଲେଟ୍ |

ଏସ୍‌ମା ୪ଟି ବରା, ୨ଟି ଆଲୁଚପ୍, ୬ଟି ସିଙ୍ଗଡ଼ା, ୪ଟି ରସଗୋଲା ଓ ୨ ପ୍ଲେଟ୍ ତରକାରୀ କିଣି ୫୦ଟଙ୍କା ଦେଲା । ଏହାର ଏକ ଚିଠା ପ୍ରସ୍ତୁତ କର ।

ଉ :

| କ୍ର.ନଂ. | ଜିନିଷର ନାମ | ପରିମାଣ | ଦର | ଦାମ୍ |
|---|---|---|---|---|
| ୧ | ବରା | ୪ଟି | ଟ ୧.୫୦ | ଟ ୬.୦୦ |
| ୨ | ଆଲୁଚପ୍ | ୨ଟି | ଟ ୧.୦୦ | ଟ ୨.୦୦ |
| ୩ | ସିଙ୍ଗଡ଼ା | ୬ଟି | ଟ ୨.୦୦ | ଟ ୧୨.୦୦ |
| ୪ | ରସଗୋଲା | ୪ଟି | ଟ ୨.୫୦ | ଟ ୧୦.୦୦ |
| ୫ | ତରକାରୀ | ୨ ପ୍ଲେଟ୍ | ଟ ୩.୫୦ | ଟ ୭.୦୦ |
| (ସଇଁତିରିଶ ଟଙ୍କା ମାତ୍ର) | | | ମୋଟ୍ | ଟ ୩୭.୦୦ |

**୧୨ । ତଳେ ଏକ ପ୍ରଶ୍ନର ସମାଧାନ ଦିଆଯାଇଛି । ଯେଉଁ ପ୍ରଶ୍ନ ପାଇଁ ଏହି ସମାଧାନ ଦିଆଯାଇଛି, ସେହି ପ୍ରଶ୍ନଟିକୁ ତୁମ ଖାତାରେ ଲେଖ ।**

| | |
|---|---|
| ଖଣ୍ଡିଏ ଡ୍ରଇଁ ଖାତାର ଦାମ୍ | = ଟ ୮.୫୦ ପ. |
| ଗୋଟିଏ ପେନ୍‌ସିଲ୍‌ର ଦାମ୍ | = ଟ ୨.୭୫ ପ. |
| ମୋଟ୍ | = ଟ୧୧.୨୫ ପ. |
| ଦୋକାନୀକୁ ଲିଲି ଦେଲା | = ଟ୨୦.୦୦ ପ. |
| ଲିଲି କିଣିଲା | = ଟ୧୧.୨୫ ପ. |
| ଦୋକାନୀ ଫେରାଇଲା | = ଟ ୮.୭୫ ପ. |

ଉ : **ପ୍ରଶ୍ନ** - ଲିଲି ଏକ ଦୋକାନରୁ ଟ.୮.୫୦ ପ. ଦାମ୍‌ର ଗୋଟିଏ ଡ୍ରଇଁ ଖାତା ଓ ଟ.୨.୭୫ ପ.ର ଗୋଟିଏ ପେନ୍‌ସିଲ କିଣି ଦୋକାନୀକୁ ୨୦ ଟଙ୍କା ଦେଲା । ଦୋକାନୀ କେତେ ଟଙ୍କା ଫେରାଇ ଦେବ ତା'ର ଏକ ଚିଠା ପ୍ରସ୍ତୁତ କର ।

**୧୩ । ମିକିଲି ଓ ଟିକିଲି ଦୁଇ ଭଉଣୀ, ବାପାଙ୍କଠାରୁ ଟଙ୍କା ଆଣି ମଝିରେ ମଝିରେ ମାଟି କୁମ୍ଭିରେ ଗଳାନ୍ତି । ଦିନେ କୁମ୍ଭି ଭାଙ୍ଗି ଟଙ୍କା ଗଣିଲେ । ମିକିଲି ୮୭ ଟଙ୍କା ଓ ଟିକିଲି ୧୨୬ ଟଙ୍କା ଗଣିଲେ । ଏବେ କହ ଓ ଲେଖ ।**

**(କ) କୁମ୍ଭିରେ କେତେ ଟଙ୍କା ଥିଲା ?**

**(ଖ) ମିକିଲିର ଟଙ୍କା ଟିକିଲି ଟଙ୍କାଠାରୁ କେତେ କମ୍ ?**

ଉ :(କ) ମିକିଲି ଗଣିଥିବା ଟଙ୍କା = ୮୭ ଟଙ୍କା

ଟିକିଲି ଗଣିଥିବା ଟଙ୍କା = + ୧୨୬ ଟଙ୍କା

ମୋଟ୍ ଟଙ୍କା = ୨୧୩ ଟଙ୍କା

∴ କୁମ୍ଭିରେ ୨୧୩ ଟଙ୍କା ଥିଲା ।

(ଖ) ଟିକିଲି ଗଣିଥିବା ଟଙ୍କା = ୧୨୬ ଟଙ୍କା

ମିକିଲି ଗଣିଥିବା ଟଙ୍କା = − ୮୭ ଟଙ୍କା

୩୯ ଟଙ୍କ

∴ ମିକିଲିର ଟଙ୍କା ଟିକିଲି ଟଙ୍କାଠାରୁ ୩୯ ଟଙ୍କା କମ୍ ।

**୧୪ । ଗୋଟିଏ ଟର୍ଚ୍ଚର ଦାମ୍ ୧୩୦ ଟଙ୍କା । ଗୋଟିଏ ଛତାର ଦାମ୍ ତା' ଅପେକ୍ଷା ୧୭ ଟଙ୍କା କମ୍ ହେଲେ,**

**(କ) ଛତାର ଦାମ୍ କେତେ ?**

**(ଖ) ଉଭୟର ଦାମ୍ ମିଶି କେତେ ?**

ଉ :(କ)ଗୋଟିଏ ଟର୍ଚ୍ଚର ଦାମ୍ = ଟ୧୩୦.୦୦

ଛତାର ଦାମ୍ ତା' ଅପେକ୍ଷା ୧୭ ଟଙ୍କା କମ୍

ଅର୍ଥାତ୍ ଛତାର ଦାମ୍ = ଟ୧୩୦ − ଟ୧୭

= ଟ୧୧୩

∴ ଛତାର ଦାମ୍ = ଟ୧୧୩.୦୦

(ଖ) ଛତାର ଦାମ୍ + ଟର୍ଚ୍ଚର ଦାମ୍

= ଟ୧୧୩ + ଟ୧୩୦ = ଟ୨୪୩

∴ ଉଭୟଙ୍କ ଦାମ୍ ମିଶି = ଟ୨୪୩

**୧୫ । ଗୋଟିଏ ପେନ୍‌ସିଲ୍ ବାକ୍ସର ଦାମ୍ ଟ୨୫.୫୦ । ଜ୍ୟାମିତି ବାକ୍ସର ଦାମ୍ ତା' ଅପେକ୍ଷା ଟ୧୯.୮୦ ଅଧିକ ।** (ବାର୍ଷିକ ପରୀକ୍ଷା : ୨୦୧୩-୧୪)

**(କ) ଜ୍ୟାମିତି ବାକ୍ସର ଦାମ୍ କେତେ ?**

**(ଖ) ଦୁଇଟିର ଦାମ୍ ମିଶି କେତେ ?**

ଉ :(କ)ଗୋଟିଏ ପେନ୍‌ସିଲ ବାକ୍ସର ଦାମ୍ = ଟ୨୫.୫୦ପ.

ଜ୍ୟାମିତି ବାକ୍ସର ଦାମ୍ ତା' ଅପେକ୍ଷା ଟ୧୯.୮୦ପ. ଅଧିକ ।

∴ ଜ୍ୟାମିତି ବାକ୍ସର ଦାମ୍ = ଟ୨୫.୫୦ପ.

+ ଟ୧୯.୮୦ପ.= ଟ୪୫.୩୦ପ.

(ଖ) ପେନ୍‌ସିଲ୍ ବାକ୍ସର ଦାମ୍ = ଟ୨୫.୫୦ପ.

ଜ୍ୟାମିତି ବାକ୍ସର ଦାମ୍ += ଟ୪୫.୩୦ପ.

∴ ଦୁଇଟିର ଦାମ୍ ମିଶି = ଟ ୭୦.୮୦ପ. ।

**୧୬ । ଲୀନା ତା' ବଡ଼ଭାଇ ପାଖକୁ ଡାକରେ ରାକ୍ଷୀ ପଠାଇବା ପାଇଁ ଡାକଘରକୁ ଗଲା । ପୋଷ୍ଟମାଷ୍ଟର କହିଲେ ଏଥିପାଇଁ ୨୫ ଟଙ୍କାର ଡାକଟିକଟ ଦରକାର । କିନ୍ତୁ ଡାକଘରେ ୧ ଟଙ୍କିଆ, ୨ ଟଙ୍କିଆ, ୫ ଟଙ୍କିଆ ଓ ୧୦ ଟଙ୍କିଆ ଡାକଟିକଟ ମିଳୁଥିଲା । ସେ କେଉଁଥିରୁ କେତୋଟି ଲେଖାଏଁ ଟିକଟ କିଣି ୨୫ ଟଙ୍କାର ଡାକଟିକଟ ଲଫାପାରେ ଲଗାଇବ ?**

**(ଏହି ପ୍ରଶ୍ନର ଭିନ୍ନ ଭିନ୍ନ ଉତ୍ତର ସମ୍ଭବ, ତୁମେ ଯେକୌଣସି ଚାରି ପ୍ରକାର ଉପାୟରେ ୨୫ ଟଙ୍କାର ଡାକ ଟିକଟ କିଣିବାର ଉତ୍ତର ଲେଖ ।)**

ଉ : ଡାକଘରେ ମିଳୁଥିବା ଡାକଟିକଟର ମୂଲ୍ୟ ଯଥାକ୍ରମେ ୧ ଟଙ୍କିଆ, ୨ ଟଙ୍କିଆ, ୫ ଟଙ୍କିଆ ଓ ୧୦ ଟଙ୍କିଆ ।

| | | | |
|---|---|---|---|
| ୧୦ଟ+୫ଟ+୫ ଟ +୨ଟ+୨ଟ+୧ଟ =୨୫ଟ | ୧୦ଟ+୧୦ଟ +୨ଟ+୨ଟ+୧ଟ =୨୫ଟ | ୧୦ଟ+୫ଟ+୫ଟ+୫ଟ =୨୫ଟ | ୧୦ଟ+୫ଟ+୨ଟ ୨ଟ+୨ଟ+୨ଟ +୧ଟ+୧ଟ =୨୫ଟ |